# ଶିକ୍ଷକ ନିଯୁକ୍ତି ଦାବିରେ ଫାଟକରେ ତାଲା ପକାଇଲେ ଅଭିଭାବକ



ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ ହରଭଙ୍ଗା ବ୍ଲକ ଘୋରଡା ଉଚ୍ଚ ପ୍ରାଥମିକ ସ୍କୁଲ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକ ସ୍କୁଲ ଫାଟକରେ ସୋମବାର ତାଲା ପକାଇ ଆନ୍ଦୋଳନ କରିଛନ୍ତି । ସୂଚନା ଅନୁଯାୟୀ ଘୋରଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ସ୍କୁଲରେ ତିନିଜଣ ଶିକ୍ଷକ ନିଯୁକ୍ତି ଥିଲେ । ଏବେ ମାତ୍ର ଜଣେ ଶିକ୍ଷକ ସ୍କୁଲରେ ଅଛନ୍ତି । ଦୁଇଟି ଶ୍ରେଣୀ ଗୃହରେ ୮ ଗୋଟି ଶ୍ରେଣୀର ଶତାଧିକ ଛାତ୍ର ଛାତ୍ରୀ ମାନଙ୍କୁ ଜଣେ ଶିକ୍ଷକ କେବଳ ଜଗି ରହିଛନ୍ତି । ଯଦ୍ୱାରା ପାଠ ପଢା ବାଧାପ୍ରାପ୍ତ ହେଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଶିକ୍ଷା ବିଭାଗର ଅଧିକାରୀ ଓ ପ୍ରଶାସନକୁ ବାରମ୍ବାର ଅଭିଭାବକ ମାନେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉନଥିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଅଭିଭାବକ । ତେଣୁ ଅଭିଭାବକ ମାନେ ସ୍କୁଲ ଫାଟକରେ ତାଲା ପକାଇ ଶିକ୍ଷକ ନିଯୁକ୍ତି ପାଇଁ ଆନ୍ଦୋଳନ କରିଥିଲେ । ଖବର ପାଇ ଘଟଣା ସ୍ଥଳରେ ସି ଆର ସି ସି ହୀରାଞ୍ଚଳ ମିଶ୍ର ଓ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଖିଳ ପ୍ରଧାନ ପହଂଚି ଅଭିଭାବକ ଓ ଛାତ୍ର ଛାତ୍ରୀଙ୍କୁ ବୁଝା ସୁଝା କରି ଆଠ ଦିନ ଭିତରେ ଆବଶ୍ୟକ ମୁତାବକ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ପ୍ରତିଶୃତି ଦେବା ପରେ ସ୍କୁଲ ଫାଟକ ତାଲା ଖୋଲାଯାଇଥିଲା ଓ ପାଠ ପଢା ସ୍ୱାଭାବିକ ହୋଇଥିବା ଜଣା ପଡିଛି ।

# ଆଦିବାସୀ ନାବାଳିକା ଅପହରଣ ମାମଲା ଭିନ୍ନ ମୋଡ

# ଏସ୍‌ପିଙ୍କୁ ଭେଟିଲେ ପୀଡିତା ଓ ପରିବାର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ ହାଡିପାଲି ଆଦିବାସୀ ନାବାଳିକା ଅପହରଣ ମାମଲା ଭିନ୍ନ ମୋଡ ନେବାକୁ ବସିଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁଙ୍କୁ ସୋମବାର ପୀଡିତା ଓ ତାଙ୍କ ପରିବାର ଲୋକେ ଭେଟିଛନ୍ତି । ପୀଡିତା ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି । ଅଭିଯୁକ୍ତ ମାନେ ଜୀବନରେ ମାରି ଦେବାକୁ ଧମକ ଦେଇଥିବାରୁ ସେ ଭୟରେ ଏହି କଥା ପ୍ରକାଶ କରିନଥିବା କହିଥିଲେ । ଏହା ଜଣାପଡିବା ପରେ ଜଣେ ଅତିରିକ୍ତ ଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି । ପୀଡିତା ପୂର୍ବ ବୟାନରେ ଗଣଦୁଷ୍କର୍ମ କଥା କହିନଥିବା ବେଳେ କେବଳ ଅପହରଣ ଓ ନିଶାପାନ ସମ୍ପର୍କରେ ସୂଚିତ କରିଥିଲେ । ସୂଚନାଯୋଗ୍ୟ, କୁଚିଣ୍ଡା ଥାନା ଅନ୍ତର୍ଗତ ହାଡିପାଲି ଗ୍ରାମର ୧୪ବର୍ଷିୟା ନାବାଳିକା ଗତ ୧୫ତାରିଖ ରାତିରେ ପଞ୍ଚମୁଖି ମନ୍ଦିର ନିକଟରେ କରମା ପୂଜା ଦେଖୁଥିଲେ । ଏହି ସମୟରେ ତାକୁ ଏକ କାର ଯୋଗେ ୫ଜଣ ଯୁବକ ବଳପୂର୍ବକ ଅପହରଣ କରି ନେଇଥିଲେ । ସେମାନେ ବାଟରେ ମଦ୍ୟପାନ କରିଥିବା ସହ ଏକ କ୍ଲବ ଘରେ ଗଣଦୁଷ୍କର୍ମ କରିଥିଲେ । ଏଥିସହ ନାବାଳିକାର ତଣ୍ଟିଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ହତ୍ୟା ଧମକ ଦେବା ସହ ପୀଡିତା ପରିବାରକୁ ଜୀବନରେ ମାରି ଦେବାକୁ ଭୟ ଦେଖାଇଥିଲେ । ଏନେଇ ସଂପୃକ୍ତ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ୪୩୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ଘଟଣାରେ ବ୍ୟବହୃତ କାର ଗାଡିକୁ ଜବତ କରାଯାଇଛି । ଏହି ଅଭିଯୋଗରେ କୁଚିଣ୍ଡାର ରାଜେଶ ବାଗ(୨୪), କୁଲପଡାର ସନ୍ତୋଷ ମୁଣ୍ଡା(୨୮) ଓ ବଡପଡାର ବୁଟି ଛତ୍ରିଆ(୧୯)ଙ୍କୁ ଗିରଫ କରାଯାଇଛି । ଏହାପରେ ନାବାଳିକାଙ୍କ କୋର୍ଟରେ ବୟାନ ରେକର୍ଡ ପରେ ଅଭିଯୁକ୍ତ ମାନଙ୍କ ଡାକ୍ତରୀ ମାଇନା କରାଯାଇଥିଲା । ତେବେ ଘଟଣାରେ ବ୍ୟବହୃତ କାରର ମାଲିକ ଓ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିନାହିଁ । ଯାହାକୁ ନେଇ ବିଭିନ୍ନ ସାମାଜିକ ସଙ୍ଗଠନ କର୍ମକର୍ତ୍ତା ମାନେ ପୀଡିତ ପରିବାର ସହ ଏସପିଙ୍କୁ ଭେଟି ସଠିକ୍ ତଦନ୍ତ କରିବାକୁ ଅନୁରୋଧ କରିଥିଲେ । ଏଥିସହ ପୀଡିତାଙ୍କୁ ନ୍ୟାୟ ଓ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଥିଲେ । ଏଥିରେ ପ୍ରୋଗେସିଭ୍ ସମ୍ବଲପୁର, ବିଜେଡି, ଜିଏମ୍‌ୟୁ, ହିନ୍ଦ ମଜଦୁର ସଭା, ଆଇନଜୀବୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ସିଦ୍ଧାର୍ଥ ଦାସ, ଗୋକୁଳ ମେହେର, ସଞ୍ଜିତ୍ ମହାନ୍ତି, ମହମ୍ମଦ ସନାଉଲ୍ଲା, ମମତା ପଣ୍ଡା, ଚୁମନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଛେଳିଗୁହାଳ ନିର୍ମାଣ କରି ୩ବର୍ଷ ହେଲା ଟଙ୍କା ପାଇନାହାନ୍ତି ହିତାଧିକାରୀ



ସିନାପାଲି,(ସବ୍ୟୁ): ସିନାପାଲି ବ୍ଲକ ଅନ୍ତର୍ଗତ କରଣବାହାଲି ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ପଞ୍ଚାୟତ ଅଧିନସ୍ଥ କୂଳିଆଡୁଙ୍ଗରି ଗ୍ରାମର ହିତାଧିକାରୀ ଜୟପାଲ ଗୁଆଲ ଛେଳି ଗୁହାଳ ନିର୍ମାଣ କରିଥିବା ବେଳେ ଆଜକୁ ପ୍ରାୟ ତିନିବର୍ଷ ବିତିଯାଇଥିଲେ ମଧ୍ୟ ପାଉଣା ପାଇନଥିବା ଅଭିଯୋଗ କରିଛନ୍ତି। ନିରୀହ ହିତାଧିକାରୀ ଛେଳି ଗୁହାଳରେ ବିନିଯୋଗ କରିଥିବା ଟଙ୍କା ନପାଇ ହତାଶ ହୋଇ ପଡିଛି।

୨୦୨୨-୨୩ ଆର୍ଥିକ ବର୍ଷରେ ହିତାଧିକାରୀ ଜୟପାଳ ଗୁଆଲଙ୍କ ନାମରେ ଏକ ଛେଳି ଗୁହାଲ ମଞ୍ଜୁର ହୋଇଥିଲା। ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଛେଳି ଗୁହାଲ ନିର୍ମାଣ କରିଥିଲେ। ଉକ୍ତ ଛେଳି ଗୁହାଲର ଅଟକଳ ମୂଲ୍ୟ ସୂଚନା ଫଳକରେ ଲେଖା ଅଛି ,ହେଲେ ସ୍ପଷ୍ଟ ଜଣାପଡୁ ନାହିଁ କିମ୍ବା ହିତାଧିକାରୀ ମଧ୍ୟ ଜାଣି ନଥିବା କହିଛନ୍ତି। କିନ୍ତୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ହିତାଧିକାରୀ ଛେଳି ଗୁହାଲ ନିର୍ମାଣ କରିଥିଲେ। ହେଲେ ଆଜକୁ ପ୍ରାୟ ତିନିବର୍ଷ ବିତିଯାଇଥିଲେ ବି ହିତାଧିକାରୀଙ୍କ ଟଙ୍କା ମିଳିପାରି ନାହିଁ। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ କହିବା ସତ୍ତ୍ୱେ ବ୍ୟାଙ୍କ ଆକାଉଣ୍ଟରେ ମାତ୍ର ୧୨ଶହ ଟଙ୍କା ମିଳିଥିବା କହିଛନ୍ତି। ପୁଣି କିଛିଦିନ ପରେ ନଗଦ ୧୦ହଜାର ଟଙ୍କା ହାତକୁ ହାତ ଦେଇଥିଲେ। ପରେ ଆଉ କାହାରି ଦେଖା ନାହିଁ। ଛେଳି ଗୁହାଲ ଟଙ୍କା କୁ ହଡପ କରିଥିବା ଅଭିଯୋଗ କରିଛନ୍ତି। ଉକ୍ତ ଟଙ୍କା ବ୍ୟାଙ୍କ ଆକାଉଣ୍ଟ ରେ ଛାଡିବା କଥା କିନ୍ତୁ ହାତକୁ ହାତ ଦେଇଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହିତାଧିକାରୀଙ୍କ କହିବା ଅନୁଯାୟୀ ଅନ୍ୟ ପାଖରୁ କରଜ କରି ବହୁତ ଆଶା ରଖି ଛେଳି ଗୁହାଲ ନିର୍ମାଣ କରିଥିଲୁ, ଟଙ୍କା ନମିଳିବାରୁ ଦାଦନ ଖଟି ଯାଇ ଲୋକଙ୍କ କରଜ ସୁଝିଦେଲୁ ବୋଲି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ ଯେ ଦାଦନ ଶ୍ରମିକ ରୋକିବା ପାଇଁ ସମ୍ପୃକ୍ତ ପରିବାର ମାନଙ୍କୁ କାମ ଯୋଗାଇ ଦେବା ଲକ୍ଷ୍ୟରେ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ କରୁଛନ୍ତି। ହେଲେ ଯୋଜନାରେ ସାମିଲ କରି ଏଭଳି ଅନିୟମିତତା କରିବା ଦ୍ୱାରା ହିତାଧିକାରୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ଏଭଳି କରଣବାହାଲି ପଞ୍ଚାୟତର ବିଭିନ୍ନ ଗ୍ରାମର ଅନେକ ହିତାଧିକାରୀଙ୍କ କ୍ଷେତ୍ରରେ ବ୍ୟତିକ୍ରମ ହୋଇଥିବା ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ତଦନ୍ତ କରି ସମ୍ପୃକ୍ତ ହିତାଧିକାରୀଙ୍କ ବକେୟା ଟଙ୍କା ପ୍ରଦାନ କରିବାକୁ ଦାବି କରିଛନ୍ତି। ଏନେଇ ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଉଦିତ ଖରସେଲଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଜାଣିନାହିଁ, ବର୍ତ୍ତମାନ ଜାଣୁଛି, ସେ ସମ୍ପର୍କରେ ପଚାରି ବୁଝିବି ବୋଲି କହିଛନ୍ତି।

# ଅଣଧାନ ଚାଷ ପାଇଁ ଚାଷୀଙ୍କୁ ତାଲିମ




କଲମପୁର, (ସବ୍ୟୁ): ଖରିଫ୍ ଋତୁରେ ଅଣଧାନ ଜାତୀୟ ଫସଲ ଚାଷ ପ୍ରତି ଚାଷୀ ମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ତଥା ଧାନ ପରିବର୍ତ୍ତେ ବଜାର ଚାହିଦା ମୁତାବକ ଅଣଧାନ ଫସଲ ଚାଷ କରିବା ଉପରେ ପ୍ରାଧାନ୍ୟ ଦେଇଛନ୍ତି ସରକାର ।

**"ଅଣ ଧାନ ଚାଷ ଆମେ କରିବା, ଆର୍ଥିକ ଉନ୍ନତି ଆମେ ପାଇବା"** ଏହି ନାରା ନେଇ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ସୋମବାର ଦେପୂର ଧାନ ମଣ୍ଡି ପରିସରରେ ବୃହତ ଉଠା ଜଳସେଚନ ଅଞ୍ଚଳରେ ଫସଲ ବିବିଧି କରଣ ଯୋଜନା ସମ୍ପର୍କରେ ଚାଷୀ ମାନଙ୍କୁ ନେଇ ତାଲିମ ପ୍ରଦାନ କରାଯାଇଛି। କଲମପୁର ବ୍ଲକ କ୍ଲଷ୍ଟର ୭ ତଥା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ କୋଡ଼ିନେଟର ଶଙ୍କର ପ୍ରସାଦ ରାଉତ ଓ ପ୍ରଶାନ୍ତ କୁମାର ମାଝି ପରିଚାଳନା କରିଥିବାବେଳେ କଲମପୁର ସମବାୟ ସମିତି ସଭାପତି ଶଙ୍କର୍ଷଣ ବେହେରା ଆନୁଷ୍ଠାନିକ ଭାବେ ଗଣପତି ପୂଜନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଣ ଧାନ ଫସଲ ଚାଷ ସମ୍ପର୍କିତ ତାଲିମ ପ୍ରଦାନ ପାଇଁ ସହକାରୀ କୃଷି ଅଧିକାରୀ ଅଜୟ କୁମାର ବେମାଲ, ବ୍ଲକ କୃଷି ଅଧିକାରୀ ଅନନ୍ତ ଚରଣ ଦାସ, ଗ୍ରାମ୍ୟ କୃଷି କର୍ମଚାରୀ ପ୍ରକାଶିନୀ ପାତ୍ର, ଏବଂ ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟର ଛାତ୍ର ବିଶ୍ୱପ୍ରକାଶ ମୁଣ୍ଡ ଏବଂ ସ୍ନେହା ସାହୁ ଯୋଗଦେଇ ନୂଆ ପଦ୍ଧତିରେ ଅଣ ଧାନ ଫସଲ ଚାଷ ଉପରେ ବିସ୍ତୃତ ଭାବେ ଚାଷୀଙ୍କୁ ବୁଝାଇଥିଲେ । ଏଥିପାଇଁ ସରକାରଙ୍କ ତରଫରୁ ଅଣ ଧାନ ଫସଲ ଚାଷ ଉପରେ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ଦେବାର ଯୋଜନାକୁ ବିଭାଗୀୟ ଅଧିକାରୀ ମାନେ ଉପସ୍ଥାପନ କରିଥିଲେ। ଏହି ପ୍ରୋତ୍ସାହନ ରାଶି ସର୍ବନିମ୍ନ ଏକ ଏକରରୁ ସର୍ବାଧିକ ଜଣେ ଚାଷୀଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ବର୍ଷକୁ ବର୍ଷ ୩ ବର୍ଷ ଯାଏଁ ପ୍ରଦାନ କରିବା ବ୍ୟବସ୍ଥା ରହିଛି ବୋଲି ଅଧିକାରୀ ମାନେ ଉପସ୍ଥାପନ କରିଥିଲେ। ଦୀର୍ଘ ବର୍ଷ ପରେ ଚାଷୀ ମାନଙ୍କ ସହିତ ବିଭାଗୀୟ ଅଧିକାରୀ ମାନଙ୍କ ସିଧା ସଳଖ ଭାବେ ଆଲୋଚନା କରିପାରିଥିବା ନେଇ ଚାଷୀମାନେ ଉତ୍ସାହିତ ହେବା ସହ ଆୟୋଜକ ପ୍ରଶାନ୍ତ ମାଝୀ ଏବଂ ଶଙ୍କର ପ୍ରସାଦ ରାଉତଙ୍କୁ ଉପସ୍ଥିତ ଶତାଧିକ ଚାଷୀ ଧନ୍ୟବାଦ୍ ଜ୍ଞାପନ କରିଥଲେ ।

## ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାକୁ ପ୍ରତାରଣା

# ଦୋଷୀଙ୍କୁ ସଶ୍ରମ କାରାଦଣ୍ଡ

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଗୋବିନ୍ଦପୁର ଥାନା ଅଞ୍ଚଳର ଏକ ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗର ଶୁଣାଣି କରିଛି । ବିଚାରପତି ଅଭିଳାଶ ସେନାପତି ସଂପୃକ୍ତ ଦୋଷୀଙ୍କୁ ସଶ୍ରମ କାରାଦଣ୍ଡ ସହ ଜରିମାନା କରିଛନ୍ତି । ସୂଚନାଯୋଗ୍ୟ, ଗୋବିନ୍ଦପୁର ଅଞ୍ଚଳର ନରେଶ ବାଗ (୩୩) ଏକ ୧୬ବର୍ଷିୟା ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ । ସଂପୃକ୍ତ ନାବାଳିକା ଗର୍ଭବତୀ ହେବାରୁ ବିବାହ ପାଇଁ ମନା କରିବା ସହ ଗର୍ଭ ନଷ୍ଟ କରିବାକୁ ବାଧ୍ୟ କରିଥିଲା । ଜଗନ୍ନାଥ ବାଗ (୩୪)ଙ୍କ ସହଯୋଗରେ ନାବାଳିକାକୁ ଏକ ଗାଡିରେ ନେଇ ଗର୍ଭନଷ୍ଟ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲା । ନାବାଳିକା ଜଣକ ୮ମାସର ଗର୍ଭବତୀ ବୋଲି ଜଣାପଡିବା ପରେ ଡାକ୍ତର ମନା କରିଥିଲେ । ତେବେ ନାବାଳିକା ଜଣକ ଏକ ନବଜାତକ ଜନ୍ମ ଦେବା ପରେ ଉଭୟ ଦୋଷୀ ଏହି ନବଜାତକକୁ ଏକ ନାଳାରେ ଫିଙ୍ଗି ଦେଇଥିଲେ । ଏନେଇ ପୀଡିତାଙ୍କ ପିତା ୮ଜୁନ୍, ୨୦୧୪ରେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଉଭୟ ନରେଶ ଓ ଜଗନ୍ନାଥଙ୍କୁ ଗିରଫ କରିଥିଲା । ମୋଟ ୧୮ଜଣ ସାକ୍ଷ୍ୟ ଓ ବୟାନକୁ ଭିତ୍ତି କରି କୋର୍ଟ ନରେଶଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ରାୟରେ ଶୁଣାଣି କରିଛି । ଅର୍ଥ ଅନାଦେୟ ହେଲେ ଅଧିକ ୧ବର୍ଷ କାରାଦଣ୍ଡ ରହିଛି । ସେହିପରି ଦଫା ୩୧୩ରେ ୭ବର୍ଷ କାରାଦଣ୍ଡ ଓ ୫୦ହଜାର ଫାଇନ କରିଛନ୍ତି । ଅନ୍ୟପଟେ ଜଗନ୍ନାଥଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ହଜାର ଜରିମାନା କରିଛି । ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ଅଧିକ କାରାଦଣ୍ଡ ବ୍ୟବସ୍ଥା ରହିଛି । ଦଫା ୩୧୬ ଅନୁଯାୟୀ ୩ବର୍ଷ ଓ ୧୦ହଜାର ଫାଇନ କରିଛନ୍ତି । ଏହି ଦଣ୍ଡାଦେଶ ଏକକାଳୀନ ଚାଲୁ ରହିବ ବୋଲି ଜଣାପଡିଛି । ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ ।

# ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ନୂଆପଡା,(ସବ୍ୟୁ): ବୋଡ଼େନ ପଞ୍ଚାୟତସମିତି ସମ୍ମିଳନୀ କକ୍ଷରେ ନୂଆପଡା ଜିଲ୍ଲାପାଳ ଓ ଏସ୍‌ପିଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୧୯ଟି ଅଭିଯୋଗ ରୁ ୧୦୬ ଟି ବ୍ୟକ୍ତିଗତ ଓ ୧୩ ଟି ଗୋଷ୍ଠିଗତ ଅଭିଯୋଗ ଶୁଣାଣି ପ୍ରଶାସନ କରିଛନ୍ତି। ଏହି ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲ୍ଲାପାଳ ଓ ଏସପିଙ୍କ ସହିତ,ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ୍ ଅଧ୍ୟକ୍ଷା ପ୍ରେମଶିଳା ନାଗ, ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡଃ ଗୁରୁପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ବିଡ଼ିଓ ପ୍ରିୟରଞ୍ଜନ କୁମାର, ତହସିଲଦାର ସରିତା ଗୁପ୍ତାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ , ଲାଇନ୍ ବିଭଗ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୋଟିଏ ରକ୍ତଦାନ ଶିବିର ଉଦ୍ଘାଟନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲାପାଳ ଙ୍କ ସ୍‌ତନ୍ତ୍ର ନିର୍ଦ୍ଦେଶ କ୍ରମେ ବ୍ଲକ୍ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଗୋଟିଏ ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜନ ହୋଇଥିଲା । ଏଠାରେ ସେମାନଙ୍କ ନିଶୁଳ୍କ ରକ୍ତଚାପ, ରକ୍ତ ଶର୍କରା ପରୀକ୍ଷା ହେବା ସହିତ ବିଶେଷଜ୍ଞ ଡାକ୍ତର ମାନେ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ । ଡଃ ଅନୁପ ଅଗ୍ରୱାଲ, ଡଃ ବିସ୍ମୟ ସାମଲ, ଡଃ ସଞ୍ଜୀବ କୁମାର ନାୟକ, ଡଃ ମଳୟ ମହାନ୍ତି, ଡଃ ସଂଜୁଲତା ବେହେରା ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଜନସାଧାରଣଙ୍କ ଦ୍ୱାରଦେଶରେ ବିଭିନ୍ନ ସହାୟତା ଯୋଗାଇଦେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି ।

# ଖରିଫ ଧାନ ସମସ୍ୟା ନେଇ ଦାବିପତ୍ର



ଜମନକିରା, (ସବ୍ୟୁ): ଜମନକିରା ଶ୍ରୀଲକ୍ଷ୍ମୀ କୃଷକ ସଂଗଠନ ପକ୍ଷରୁ ସଭାପତି ବିରେନ୍ଦ୍ର ଚୌଧୁରୀଙ୍କ ନେତୃତ୍ୱରେ ବ୍ଲକ ଅନ୍ତର୍ଗତ ୨୧ ଟି ପଂଚାୟତର ଚାଷୀ ସଂଗଠନ ପ୍ରତିନିଧି ମାନେ ସ୍ଥାନୀୟ ତହସିଲଦାର ହରେକୃଷ୍ଣ ବରିହାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ଖରଫ୍ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ସାଙ୍ଗକୁ ଅନିୟମିତତା ବର୍ଷା ଯୋଗୁଁ ଅନେକ ସ୍ଥାନରେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି। ଏହା ସହିତ ପାଗ ଅନୁକୂଳ ନଥିବାରୁ ବିଭିନ୍ନ ପ୍ରକାର ରୋଗ ପୋକ ଲାଗି ମଧ୍ୟ ଧାନ ଫସଲ ନଷ୍ଟ ହେଉଛି। ତେଣୁ ଏହାର ବିହୀତ କାର୍ଯ୍ୟାନୁଷ୍ଠାନ ଦାବୀ ନେଇ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଆଜି ଦାବୀ ପତ୍ର ପ୍ରଦାନ କରାଯାଇଛି। ଯଦି ରାଜ୍ୟ ସରକାର ଏବଂ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଆନ୍ଦୋଳନ କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛି କୃଷକ ସଂଗଠନ। ଅପର ପକ୍ଷେ ସଠିକ ତଦନ୍ତ କରି ଆଗାମୀ ପଦକ୍ଷେପ ନିଆଯିବ ସ୍ଥାନୀୟ ତହସିଲଦାର ହରେକୃଷ୍ଣ ବରିହା ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଚୂଡ଼ାମଣି ପଟେଲ, ବିରେନ୍ଦ୍ର ଚୌଧୁରୀ, ଦିଲ୍ଲୀପ ପଟେଲ, ଲୋକେଶ ଚୌଧୁରୀ, ସରୋଜ କୁମାର ପ୍ରଧାନ, ପ୍ରଭାତ ବାଗ, ଦୁଷ୍ମନ୍ତ ନାୟକ ପ୍ରମୁଖ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଦାନବାକ୍ସ ଚୋରି ଟଙ୍କା ଜବତ, ୨ଗିରଫ

ସମ୍ବଲପୁର,୨୧।୧୦(ସବ୍ୟୁ): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ଭୁବନେଶ୍ୱରୀ ମନ୍ଦିର ଦାନବାକ୍ସ ଭାଙ୍ଗି ଟଙ୍କା ଚୋରି ଅଭିଯୋଗରେ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୨୦ହଜାର୫୭୮ଟଙ୍କା ଜବତ ହୋଇଛି । ସୂଚନାଯୋଗ୍ୟ, ବୁର୍ଲା ଡେଲି ମାର୍କେଟ ଅଞ୍ଚଳରେ ଥିବା ଭୁବନେଶ୍ୱରୀ ମନ୍ଦିର ଦାନବାକ୍ସକୁ କେହି ଦୃବୃର୍ତ୍ତ ଭାଙ୍ଗି ଟଙ୍କା ଚୋରିକରିନେଇଥିଲେ। ଅଭିଯୋଗ ପରେ ୫୧୬/୨୪ରେ ଏକ ମାମଲା ରୁଜୁ କରାଯାଇଥିଲା । ତଦନ୍ତ ବେଳେ ପିଙ୍କି ବାଗ(୩୫)ଙ୍କ ସହ ଜଣେ ନାବାଳକକୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ଉପରୋକ୍ତ ଟଙ୍କା ଜବତ ହୋଇଛି।

# ବାଲିବନ୍ଧା ସୋମନାଥ ମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ବାଲିବନ୍ଧା ସୋମନାଥ ମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି ହୋଇଛି । ଏନେଇ ଥାନାରେ ଅଭିଯୋଗ କରାଯାଇଛି । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ସିସିଟିଭି ଯାଞ୍ଚ କରିଛି । ତେବେ ସିସିଟିଭି କ୍ୟାମେରାରେ ଚୋରି ସମୟର ଦୃଶ୍ୟ କଏଦ ଥିବା ଜଣାପଡିଛି । ଏହାକୁ ନେଇ ପୋଲିସ ତଦନ୍ତ କରୁଛି । ପୂର୍ବରୁ ମ୍ୟୁନସିପାଲଟି ଛକ ସ୍ଥିତ ପଞ୍ଚମୁଖି ହନୁମାନ ମନ୍ଦିରରୁ ଗତ ଅଗଷ୍ଟ୧୯ରେ ଦାନବାକ୍ସରୁ ଚୋରି ହୋଇଥିଲା । ସେହିପରି ବୁର୍ଲା ଥାନା ଭୁବନେଶ୍ୱରୀ ମନ୍ଦିର ଦାନବାକ୍ସ ଭାଙ୍ଗି ଗତ ୨୦ତାରିଖରେ ଟଙ୍କା ଚୋରି ହୋଇଥିବା ଜଣାପଡିଛି । ସୂଚନାଯୋଗ୍ୟ, ସମ୍ବଲପୁର ସହରରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ଚୋରି, ଲୁଟ, ରାହାଜାନୀ, ଡକାୟତି, ହତ୍ୟା ଭଳି ଅପରାଧ ଘଟୁଛି । ଏଭଳିସ୍ଥଳେ ମନ୍ଦିର ଭଳି ପବିତ୍ର ସ୍ଥାନ ମଧ୍ୟ ବର୍ତ୍ତି ପାରିନାହିଁ । ତେବେ ସିସିଟିଭି ଯାଞ୍ଚ ସହ ସଂପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

## ଗନ୍ଧମାର୍ଦ୍ଦନରୁ ଖଣିଖନନର ଅପଚେଷ୍ଟା କରାନଯାଉ

# ଜାତୀୟ ସମ୍ପତ୍ତି ଘୋଷଣା କରାଯାଉ



ବଲାଙ୍ଗିର,(ସବ୍ୟୁ): ଗନ୍ଧମାର୍ଦନ ଅଞ୍ଚଳରେ ଜାତୀୟ ଆୟୁର୍ବେଦିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ସହ ବଲାଙ୍ଗିର ଠାରେ ଆୟୁର୍ବେଦ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରାଯାଉ ବୋଲି କୋଶଲବାଦୀ ନେତା ପ୍ରମୋଦ ମିଶ୍ର ରବିବାର ସାମ୍ବାଦିକ ସମ୍ମିଳନୀରେ ଦାବୀ କରିଛନ୍ତି । ଐତିହାସିକ ଗନ୍ଧମାର୍ଦନ ପର୍ବତ କୋଶଳାଞ୍ଚଳର ଏକ ସାଂସ୍କୃତିକ ପରିଚୟ ଅଟେ । ଏହା କୋଶଳାଞ୍ଚଳର ପରିବେଶକୁ ସନ୍ତୁଳିତ କରିବା ପାଇଁ ସର୍ବୋତ୍କୃଷ୍ଟ ପ୍ରାକୃତିକ ପୀଠସ୍ଥଳୀ । ଗନ୍ଧମାର୍ଦନରେ ପ୍ରାୟ ୨୯୦ ପ୍ରକାରର ଆୟୁର୍ବେଦ ଔଷଧୀୟ ବୃକ୍ଷ ଓ ଗୁଳ୍ମରାଜି ଥିବାର ବୈଜ୍ଞାନିକ ପ୍ରମାଣ ରହିଛି । ଅନେକ ପ୍ରକାରର ବିରଳ ପ୍ରଜାତିର ପଶୁପକ୍ଷୀ ଏହ ପାର୍ବତୀୟ ଅଂଚଳରେ ଦେଖାଯାନ୍ତି । ରାମାୟଣ ଯୁଗରେ ଏହି ପର୍ବତକୁ ବୀର ହନୁମାନ ବିଷଲ୍ୟକରଣୀ ଆଣିଥିଲେ । ବିଷଲ୍ୟକରଣୀ ନେଇ ପ୍ରଭୁ ଶ୍ରୀରାମଙ୍କ ଭାଇ ଲକ୍ଷ୍ମଣଙ୍କ ପ୍ରାଣରକ୍ଷା କରିବାର ଉପାଖ୍ୟାନ ରହିଛି । ଏହାଛଡା ମହାଭାରତ ଯୁଗରେ ଗୁରୁ ଦ୍ରୋଣାଚାର୍ଯ୍ୟ ଏହି ପର୍ବତ ଅଂଚଳରେ ତାଙ୍କର କିଛି ନିର୍ଦ୍ଦିଷ୍ଟ ଶିଷ୍ୟଙ୍କୁ ଅସ୍ତ୍ରଶିକ୍ଷା ଦେଇଥିବାର ଉପଖ୍ୟାନ ମଧ୍ୟ ଲିଖୁତ ରହିଛି । ଏହାଛଡା କୋଶଳାଞ୍ଚଳର ୨ କୋଟି ଅଧିବାସୀଙ୍କ ଧାର୍ମିକ ବିଶ୍ୱାସର ଏକ ବୃହତ ପୀଠସ୍ଥଳୀ ମଧ୍ୟ ଏହି ଗନ୍ଧମାର୍ଦନ । ବଲାଙ୍ଗିର ଓ ବରଗଡ ଜିଲ୍ଲାର ମଝିରେ ଅନୁଷ୍ଠିତ ଏହି ପର୍ବତର ବଲାଙ୍ଗିର ପଟେ ପ୍ରଭୁ ହରିଶଙ୍କର ଓ ବରଗଡ ଜିଲ୍ଲା ପଟେ ପ୍ରଭୁ ନୃସିଂହନାଥଙ୍କ ପ୍ରସିଦ୍ଧ ମନ୍ଦିର ରହିଛି । ଏହି ଅଞ୍ଚଳରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଶିବରାତ୍ରୀ, ମକର ସଂକ୍ରାନ୍ତି ଓ ମାଘ ମେଳା ତଥା ବୈଶାଖ ମେଳା ପାଳନ କରନ୍ତି । ପ୍ରାକୃତିକ ଶୋଭାରାଜି ରେ ସୁଶୋଭିତ ଏହି ଗନ୍ଧଗିରିରୁ ପ୍ରବାହିତ ଚିର ସ୍ରୋତ ଝରଣା ଉଭୟ ହରିଶଙ୍କର ଓ ନୃସିଂହନାଥ ଅଂଚଳର ହଜାର ହଜାର ଲୋକଙ୍କ ପାଇଁ ପାଇଁ ଜୀବନୀ ପ୍ରଦାନ କରେ । ଏହାଛଡା ଏହି ଗନ୍ଧମାର୍ଦନ ଉଭୟ ପଟର ଲକ୍ଷ ଲକ୍ଷ ଲୋକଙ୍କୁ ଜୀବନ ଜୀବିକା ପ୍ରଦାନ କରୁଛି । କେବଳ ପର୍ଯ୍ୟଟନ ନୁହେଁ ଏ ଅଂଚଳର ପରିବେଶ ଇତିହାସ ସାଂସ୍କୃତିକ ଓ ଧାର୍ମିକ ଉତ୍ଥାନର ପୀଠସ୍ଥଳୀ ହେଲା ଏହି ଐତିହାସିକ ଗନ୍ଧମାର୍ଦନ ପର୍ବତ । ଚୀନ ପରିବ୍ରାଜକ ହୁଏନ୍‌ସାଂ ମଧ ତାଙ୍କ ରଚନାବଳୀରେ ଏହି ପର୍ବତର ମହନୀୟତାକୁ ଉଲ୍ଲେଖ କରିଛନ୍ତି । ଏହି ପର୍ବତରେ ଥିବା ପ୍ରଚୁର ବକ୍ସାଇଟକୁ ଆଖି ରଖି ବାରମ୍ବାର ଏ ଅଂଚଳରେ ଖଣି ଖନନର ଉଦ୍ୟମ ହୋଇଛି । ଏବେ ଶୁଣିବାକୁ ମିଳୁଛି ଯେ ସରକାରଙ୍କ ଅମଳରେ ପୁଣି ଥରେ ଗନ୍ଧମାର୍ଦନରୁ ଖଣି ଖନନର ଆଲୋଚନା ଚାଲିଛି । ଦେଶର ଏକ ବୃହତ ପୁଞ୍ଜିପତିଙ୍କୁ ଏହି ପର୍ବତରୁ ଖଣିଖନନ ପାଇଁ ଲିଜ୍ ଦିଆଯିବା ସହ ସେଥିପାଇଁ ପାଟଣାଗଡଠାରେ ଏକ ବିମାନ ବନ୍ଦର ସ୍ଥାପନର ଯୋଜନା କରାଯାଉଛି । ଇତି ମଧ୍ୟରେ ଉକ୍ତ କଂପାନୀର କିଛି ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳର କିଛି ମନ୍ତ୍ରୀ, ବିଧାୟକ ଓ ସାଂସଦ ତଥା ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ କିଛି ଗୁପ୍ତ ବୈଠକ ହୋଇଥିବାର ଚର୍ଚ୍ଚା ଉଭୟ ହରିଶଙ୍କର ଓ ନୃସିଂହନାଥ ଅଂଚଳରେ ଚାଲିଛି । ଏହା ଯଦି ସତ୍ୟ ତେବେ ସାଂଘାତିକ ଅଟେ । ଏଭଳି କିଛି ଯୋଜନା ଥିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପୁର୍ନବିଚାର ସହ ବାତିଲ କରିବାକୁ ଅନୁରୋଧ କରାଯାଇଛି । ଗନ୍ଧମାର୍ଦନକୁ ଏକ ଜାତୀୟ ପୀଠସ୍ଥଳୀ ରୂପେ ଘୋଷଣା କରି ତାର ସୁରକ୍ଷା ଓ ବିକାଶ ପାଇଁ ଯୋଜନା କରିବାକୁ ତଥା ଗନ୍ଧମାର୍ଦନ ଅଂଚଳରେ ଏକ ଜାତୀୟ ଆୟୁର୍ବେଦିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା, ବଲାଙ୍ଗିର ଠାରେ ଆୟୁର୍ବେଦିକ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବାକୁ କୋଶଳ ଆନ୍ଦୋଳନ ର ନେତା ପ୍ରମୋଦ ମିଶ୍ର ଦାବୀ କରିଛନ୍ତି । ଏହା ଛଡା ହରିଶଙ୍କର ଓ ନରସିଂହନାଥ ମନ୍ଦିର ର ସୁରକ୍ଷା ଓ ପର୍ଯ୍ୟଟନ ଦୃଷ୍ଟିରୁ ଉଭୟ ପାର୍ଶ୍ବର ବିକାଶ ପାଇଁ ତଥା ଏ ଅଂଚଳରେ କାଠ ମାଫିଆମାନେ କରୁଥିବା ଜଙ୍ଗଲ ଧ୍ୱଂସ ର ଅପଚେଷ୍ଟା କବଳରୁ ସଂପୃକ୍ତ ଅଂଚଳକୁ ରକ୍ଷା କରିବା ପାଇଁ ଯୋଜନା ପ୍ରଣୟନ କରିବାକୁ ଶ୍ରୀ ମିଶ୍ର ଦାବୀ କରିଛନ୍ତି । ଏହା ଛଡା ଏ ଅଂଚଳର ଲୋକ ପ୍ରତିନିଧିମାନେ ଗନ୍ଧମାର୍ଦନର ସୁରକ୍ଷା ପାଇଁ ସମର୍ପିତ ହେବାକୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଜମାଲ ଖାନ୍,ରଣରାଜ ସିଂହଦେଓ, ଶରତ ହୋତା, ରବି ମିଶ୍ର ପ୍ରମୁଖ ମଞ୍ଚାସିନ ଥିଲେ।

# ମୁରିବାହାଲ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସୋମବାର ମୁରିବାହାଲ ପଞ୍ଚାୟତି ଉଚ୍ଚ ବିଦ୍ୟାଳୟରେ ଉଦଯାପିତ ହୋଇଯାଇଛି। ପ୍ରାରମ୍ଭରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢ଼ିହାରୀଙ୍କ ସଭାପତିତ୍ୱରେ ବ୍ଲକ ବିଡ଼ିଓ ପୂର୍ଣ୍ଣାନନ୍ଦ ପଟେଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ। ଏଥିରେ ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମୀ,ପଞ୍ଚାୟତି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁନୀଲ କୁମାର ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଭୋଇ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାନ୍ତାରାମ ଧରୁଆ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ବଲାଙ୍ଗିର ଜିଲ୍ଲା ପରିଷଦ ଉପାଧକ୍ଷା ମିଥିଳା ମାଝୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ସୁରଭି କାର୍ଯ୍ୟକ୍ରମରେ ସମଗ୍ର ବ୍ଲକ ଅଞ୍ଚଳର ସମସ୍ତ କ୍ଲଷ୍ଟରରୁ ୨୮୮ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୭୨ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ ବିବେଚିତ ହୋଇଥିବା ଛାତ୍ରଛାତ୍ରୀମାନେ ବଲାଙ୍ଗିର ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତରଫରୁ ସୂଚନା ପ୍ରଦାନ କରାଯାଇଛି। ସୁରଭି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସିଆରସିସି, ପ୍ରଧାନଶିକ୍ଷକ,ଶିକ୍ଷକ ଶିକ୍ଷୟିତ୍ରୀ ଓ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ଲିଳୁମୋହନ ପଧାନ କାର୍ଯ୍ୟକ୍ରମ ସଂଯୋଜନା ଓ ଧନ୍ୟବାଦ ଦେଇଥିଲେ।

# ଡିଏଭି ଜୋନାଲ ଲେବେଲ ମାର୍ଶଲ ଆର୍ଟ ଚାମ୍ପିୟନସିପ୍



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଡିଏଭି ସ୍କୁଲ ପରିସର ମଧ୍ୟରେ ଡିଏଭି ଜୋନାଲ ଲେବେଲ ମାର୍ଶଲ ଆର୍ଟ ଚାମ୍ପିୟନସିପ ଅନୁଷ୍ଠିତ ହୋଇଯାଇଅଛି। ଓଡ଼ିଶାର ୩୮ଟି ଡିଏଭି ବିଦ୍ୟାଳୟରୁ ୫୫ ଜଣ ଗାଇଡ଼ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନେତୃତ୍ୱରେ ଆସିଥିବା ୨୧୫ ଚୟନିତ ପ୍ରତିଭାଗୀ କରାଟେ, ତାଇକୋଣ୍ଡୋ ଓ ଉଶୁରେ ଅଂଶ ଗ୍ରହଣ କରିଥିଲେ । ମାର୍ଶଲ ଆର୍ଟ ଆସୋସିଏସନର ମାନ୍ୟତାପ୍ରାପ୍ତ ଅଭିଜ୍ଞ ରେଫରୀ ରାଜୀବ ସିଂ, ବିଜୟ ଭୋଇ, ନବୀନ ସିଂ ଓ ଟିମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଟେ, ତାଇକୋଣ୍ଡୋ ଓ ଉଶୁ ଚାମ୍ପିୟନଶିପ ପରିଚାଳିତ ହୋଇଥିଲା । ଝାରସୁଗୁଡ଼ା ଜିଲ୍ଲା କ୍ରୀଡ଼ା ପରିଷଦର ସାଧାରଣ ସମ୍ପାଦକ ତାପସ କୁମାର ରାୟ ଚୌଧୁରୀ ଏବଂ ଉଦଯାପନୀ ଉତ୍ସବରେ କ୍ଲଷ୍ଟର-୨ ହେଡ଼ ତଥା ବସୁନ୍ଧରା ଡିଏଭି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ଓ ଛଟେନପାଲି ଡିଏଭି ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ଅତିଥି ଭାବେ ଯୋଗ ଦେଇଥିଲେ ଛ ଆୟୋଜକ ଝାରସୁଗୁଡ଼ା ଡିଏଭି ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ରାଜ୍ୟର ବିଭିନ୍ନ ଡିଏଭିରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଉନ୍ନତ ପ୍ରଦର୍ଶନ କରିଥିବା କରାଟେ, ତାଇକୋଣ୍ଡୋ ଓ ଉଶୁ ପ୍ରତିଯୋଗୀମାନଙ୍କୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି । ବିଦ୍ୟାଳୟର ପିଇଟି ବିଜୟ ଦାଶଙ୍କ ସଂଯୋଜନାରେ ଅଲେଖ ବିହାରୀ ସାହୁ, ପଦ୍ମାସନ ସାହୁ, ଦେବାଶିଷ ଶ୍ୟାମଲ, ଏସ.କେ. ସିରାଜୁଦ୍ଦିନ, ପବିତ୍ର ମୋହନ କବି, ସୁବାସ ମିଶ୍ରଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ରାୟଗଡା ଜିଲ୍ଲାରୁ ୧୧ଜଣ ପାଇଲେ ଓଏଏସ୍

ରାୟଗଡା,(ସବ୍ୟୁ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ରାୟଗଡା ଜିଲାର ୧୧ ଜଣ ସଫଳତା ପାଇଛନ୍ତି । ରାୟଗଡ଼ା ସହରର ଦୀପାରାଣୀ ବେହେରା ୪୩୭ ରାଙ୍କ ପାଇଥିବା ବେଳେ ସହରର ହାତୀପଥର ରୋଡ ନିବାସୀ ରମେଶ ଚନ୍ଦ୍ର ବେହେରା ଓ ପୁଷ୍ପାଞ୍ଜଳି ବେହେରାଙ୍କ ଝିଅ ଦୀପାରାଣି ବେହେରା କୃତକାର୍ଯ୍ୟ ହୋଇଛନ୍ତି । ସେ ରାୟଗଡ଼ା ରାଜସ୍ୱ ବିଭାଗରେ କନିଷ୍ଠ ସହାୟକ ଭାବେ କାର୍ଯ୍ୟରତ ଅଛନ୍ତି । ଠିକ୍ ସେଭଳି କଲୋନରା ବ୍ଲକ ଅଣ୍ଡାମଡା ଗ୍ରାମର ମଳୟ କୁମାର ଦେଉରାଙ୍କ ଝିଅ ସୁନୀତା ଦେଉରା ୩୫୪ ରାଙ୍କ ରଖିଛନ୍ତି । ସେଭଳି କାଶୀପୁର ବ୍ଲକର ମାଇଲିଗୁଡା ଗାଁର ପୂର୍ବତନ ବିଧାୟକ ବିଭୀଷଣ ମାଝୀଙ୍କ ପୁଅ ପଙ୍କଜ କୁମାର ମାଝୀ ୬୬୨ ରାଙ୍କ ପାଇଛନ୍ତି । ଏବେ ସେ ପୁଲିସ ବିଭାଗରେ ଡିଏସପି ଭାବେ କାମ କରୁଛନ୍ତି । ସେଭଳି ରାୟଗଡା ଜିଲା ଗୁଡାରୀ ବ୍ଲକ୍ ଅସଡା ଗାଁର ମାଧବ ମହାନନ୍ଦିଆଙ୍କ ଝିଅ ଲାଖେଶ୍ୱରୀ ମହାନନ୍ଦିଆ ୪୮୪ ରାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସେଭଳି ରାୟଗଡା ଜିଲା କୋଲନରା ବ୍ଲକର ଭୂଜବଳ ଗାଁ ର ମହେଶ୍ୱର ପାଲକା ୪୫୦ ରାଙ୍କରେ ପାସ୍ କରିଛନ୍ତି । ସେ ଅନୁସୂଚିତ ଜାତି ତାଲିକାରେ ୧୬ ନମ୍ବର ସ୍ଥାନରେ ଅଛନ୍ତି । ବିଷମକଟକ ବ୍ଲକର କୁସମଗୁଡିର ସୁନୀଲ କୁମାର କିଲାକା ୪୮୧ ରାଙ୍କ ପାଇ ଥିବା ବେଳେ ଗୁଣପୁର ବ୍ଲକ ଟଲଣା ପଞ୍ଚାୟତର ପାତିଳି ଗାଁର ସୁନୀଲ ଶବର ୬୨୯ ରାଙ୍କ ପାଇ ରାୟଗଡା ଜିଲାର ବିରଳ ଜନଜାତି ଲାଞ୍ଜିଆ ସୌରା ସଂପ୍ରଦାୟର ପ୍ରଥମ ଓଏଏସ ହୋଇଛନ୍ତି । ରାମନାଗୁଡା ବ୍ଲକର ଉକୁମ୍ବା ପଞ୍ଚାୟତର ଟିକରପଡା ଗାଁର ଦେବେନ୍ଦ୍ର ଶବର ୫୬୩ ରାଙ୍କ ଓ ରାମନାଗୁଡା ବ୍ଲକର ଅନ୍ତର୍ଝୋଲି ଗାଁର ଯୁବକ ଅନାଦି ଶବର ୬୨୨ ରାଙ୍କ ପାଇଛନ୍ତି । ସେଭଳି ଗୁଣପୁର ବ୍ଲକ ଟିଟିମିରି ଗାଁର ବିନୋଦ ଶବର ୬୦୦ ରାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଜାପୁର ପଞ୍ଚାୟତର ଗୁଣ୍ଡୁରିଗୁଡ଼ାର ପ୍ରାଚୀ ପ୍ରିୟା ଦଳେଇ କୃତକାର୍ଯ୍ୟ ହୋଇଥିବା ସୂଚନା ମିଳିଛି। ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀ ମାନଙ୍କୁ ରାୟଗଡ଼ା ଉପଜିଲାପାଳ ସଂଘମିତ୍ରା କଲ୍ୟାଣୀ ଦେବୀ, ରାୟଗଡା ବିଧାୟକ କାଡ୍ରାକା ଆପୋଲସ୍ୱାମୀ, ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଡଃ ବାଦଲ କୁମାର ତା, ଶିକ୍ଷାବିତ ଡଃ ଦୁଷ୍ମନ୍ତ କୁମାର ମହାନ୍ତି, ସ୍ତମ୍ଭକାର ସତ୍ୟନାରାୟଣ ଗନ୍ତାୟତ, କାଶିପୁର ମାଟିର ପୁଅ ଅର୍ଥନୀତି ଅଧ୍ୟାପକ ଆଇଆଇଟି ଚେନ୍ନାଇରୁ ସନ୍ତୋଷ କୁମାର ସାହୁ ମଧ ସମସ୍ତ କୃତକାର୍ଯ୍ୟ ହାସଲ କରିଥିବା ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ଗୋଲାମୁଣ୍ଡା,(ସବ୍ୟୁ): ୧୯୫୯ ଅକ୍ଟୋବର ମାସ ୨୧ ତାରିଖ, ଭାରତର ସୁଯୋଗ୍ୟ ସନ୍ତାନ ନିଜ ମା ର ସୁରକ୍ଷା ପାଇଁ ସୀମାରେ ଚୀନ ସୈନିକଙ୍କ ଅତର୍କିତ ଆକ୍ରମଣରେ ଶିକାର ହୋଇ ୧୦ଜଣ ପୋଲିସ୍ ସହିଦ୍ ହୋଇଥିଲେ। ବୀର ସହୀଦଙ୍କ ବୀରତ୍ୱ, ସାହସ, ବଳିଦାନ ଭାରତୀୟଙ୍କ ପ୍ରାଣରେ ଚିର ସ୍ମରଣୀୟ, । ଅନେକ ପୋଲିସ୍, ସୈନିକଙ୍କୁ ଆଜି ବି ପ୍ରେରଣାର ଖୋରାକ୍ ଯୋଗାଏ। ତାଙ୍କର ବୀରତ୍ୱ, ତ୍ୟାଗ, ବଳିଦାନକୁ ମନେପକେଇବା ପାଇଁ ପ୍ରତି ବର୍ଷ ପୋଲିସ୍ ପ୍ରଶାସନ ପକ୍ଷରୁ ସାରା ଦେଶରେ ସହୀଦଦିବସ ପାଳିତ ହୋଇ ଆସୁଅଛି। ସୋମବାର କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଠାରେ ସହୀଦ ବିଜେନ୍ଦ୍ର ରାଉତ ସ୍ମୃତି ପ୍ରତିମାରେ ଦୀପ, ସୁମନ ଦେଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସୂଚନା ଥାଉ କି ୨୪ ବର୍ଷର ଯୁବକ ମାଟି ମାଆର ସୁରକ୍ଷା ଦେବାକୁ ଯାଇ ୨୦୧୦ରେ କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନା ଅନ୍ତର୍ଗତ ମନ୍ତ୍ରୀଅମ୍ବା ଠାରେ ମାଓବାଦୀଙ୍କ ଲ୍ୟାଣ୍ଡ ମାଇନର ଶିକାର ହୋଇଥିଲେ । ପତିତ କୁମାର ରାଉତ ଓ ଆହ୍ଲାଦିନୀ ରାଉତଙ୍କ ଗୋଟିଏ ବୋଲି ପୁଅ ସହୀଦ ବିଜେନ୍ଦ୍ର ରାଉତ ମାଟି ପାଇଁ ଗୌରବ ଆଣିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ୍ ଅଧ୍ୟକ୍ଷ ବିନ୍ଧୁ ମହାନନ୍ଦ, ସମ୍ମାନିତ ଅତିଥି ଭାବରେ ବ୍ଲକ୍ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା, ସମାଜ ସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ,ସିଡିପିଓ କେ ଉଷା. ଲକ୍ଷ୍ମୀ, ସରପଞ୍ଚ ଜିମୂତ ବାହାନ ହରପାଳ,କୁରୁକ୍ଷେତ୍ର ରାଉତ, ସହିଦଙ୍କ ଭଉଣୀ ମାଣିକ୍ୟ ରାଉତ, ସମାଜସେବୀ ପ୍ରସନ୍ନ ରାଉତ ପ୍ରମୁଖ ଉପସ୍ଥିତ ରହି ଜୟଗାନ କରିଥିଲେ। ନିଜ ବକ୍ତବ୍ୟରେ ଜାତି ଧର୍ମ ନିର୍ବିଶେଷରେ ସମସ୍ତେ ଏକତାର ଖିଅରେ ଗୁନ୍ଥିହେଲେ ମାଳ ରୂପେ ଭାରତର ଗୌରବ ବଢାଇହେବ ବୋଲି ସମ୍ବୋଧିତ କରିଥିଲେ । ହେଲେ ଗୋଲାମୁଣ୍ଡା ପୋଲିସ ପକ୍ଷରୁ କୌଣସି କର୍ମଚାରୀ ଆସି ନ ଥିବା ନେଇ ସହିଦଙ୍କ ପ୍ରତି ଅଣଦେଖା କରାଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଓୟୁଜେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

# ସଙ୍ଗଠନକୁ ସୁଦୃଢ଼ ଉପରେ ଆଲୋଚନା

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ୍ ହରିଶଙ୍କର ଠାରେ ଓ ୟୁ ଜେ ବଲାଙ୍ଗିର ଜିଲ୍ଲା ଶାଖାର କାର୍ଯ୍ୟକାରିଣୀ କମିଟି ବୈଠକ ଓ ନୂଆଖାଇ ଭେଟଘାଟ ରବିବାର ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ବରିଷ୍ଠ ସଦସ୍ୟ ବିଜୟ କୁମାର ମିଶ୍ରଙ୍କ ପରଲୋକରେ ଶୋକସଭା ଅନୁଷ୍ଠିତ ହୋଇଥିବା ବେଳେ ବରିଷ୍ଠ ସଦସ୍ୟ ସଦାଶିବ ସରାଫ, ଦୀପକ ସମାଦାର, ବଂଶୀଧର ସେଠ, ସୁବୋଧ ମେହେର, ପ୍ରଭଞ୍ଜନ ଜିତ ସାଲୁଜା, ଶ୍ରୀବତ୍ସ ବେହେରା, ଦୀପକ ଦାସ ଯାଦବ, ରତୁରାଜ ସିଂ, ସରୋଜ ମିଶ୍ର ପ୍ରମୁଖଙ୍କୁ ଟ୍ରଫି ଓ ଉପଢ଼ୌକନ ଦେଇ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ କାର୍ଯ୍ୟକାରିଣୀ କମିଟି ବୈଠକ ସଭାପତି ଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ରାଜ୍ୟ ସଙ୍ଗଠନ ସମ୍ପାଦକ ରତୁରାଜ ସିଂ, ଜିଲ୍ଲା ସାଧାରଣ ସମ୍ପାଦକ ଅଭୟ ତ୍ରିପାଠୀ, ଉପସଭାପତି ପ୍ରଭଞ୍ଜନ ସାଲୁଜା, ସମ୍ପାଦକ ତାପସ ରଂଜନ ବେହେରା ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେବା ସହ ସଦସ୍ୟତା ନବୀକରଣ, ସଙ୍ଗଠନରୁ ଇସ୍ତଫା ଦେଇଥିବା ସଦସ୍ୟଙ୍କ ଇସ୍ତାପା ଗ୍ରହଣ କରିବା ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର ଭୋଇ, ତରୁଣ ବେହେରା, ଅନିଲ ତ୍ରିପାଠୀ, ସୁରଦାସ ବାଗ, ପୁଷ୍ପକେତୁ ବେହେରା, ଜ୍ୟୋତିରଞ୍ଜନ ପଣ୍ଡା, ଉମାକାନ୍ତ ପ୍ରଧାନ, ମନୋଜ ଦାସ, ଭୋଜରାଜ ବରିହା, ଧନମତ ପାଣିଗ୍ରାହୀ,ଅନ୍ତର୍ଯ୍ୟାମୀ ପଶାୟତ, ସଞ୍ଜୟ ବେହେରା, ଲଳିତ ମିଶ୍ର, ରାଜେଶ ଚାନ୍ଦ ସମେତ ଓ ୟୁ ଜେ ବଲାଙ୍ଗିର ଶାଖା କାର୍ଯ୍ୟକାରିଣୀ କମିଟି ସଦସ୍ୟ, ଖପ୍ରାଖୋଲ ପ୍ରେସ କ୍ଲବ ସଦସ୍ୟ ସହଯୋଗ କରିଥିଲେ।

# ଜବର ଦଖଲ ଉଚ୍ଛେଦ ନେଇ ତହସିଲଦାରଙ୍କୁ ଦାବିପତ୍ର

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଜଲପାଙ୍କେଲ ଗ୍ରାମବାସୀ ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ କରିବା ପାଇଁ ସୋମବାର ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁସାରେ ଗାଁ ର ସରକାରୀ ଜମିକୁ କିଛି ଲୋକ ଚାଷ କରିବା ସହିତ ଘର କରି ରହୁଛନ୍ତି। ଫଳରେ କୌଣସି ସରକାରୀ ପ୍ରକଳ୍ପ ହେବାରେ ସମସ୍ୟା ହେବା ସହ ଗୋଚର ଜମିକୁ ଜବର ଦଖଲ କରିଥିବାରୁ ଗୋରୁ, ଛେଳି ଆଦି ଚରାଇବାରେ ସମସ୍ୟା ହେଉଛି। ଏନେଇ ତୁରନ୍ତ ଜବର ଦଖଲ ଉଚ୍ଛେଦ କରିବାକୁ ମାଲପଡ଼ା ସରପଞ୍ଚ ଗୋପାଳ ମେହେର , ହାଡୁ ମହାନନ୍ଦ, ତିଲଓମା ପଟେଲ ସମେତ ୩୦ ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଅସି ଦାବି ପତ୍ର ପ୍ରଦାନ କରିଥିଲେ।

# ଚୋରି ଅଭିଯୋଗରେ ଦୁଇ ଗିରଫ

ଜମନକିରା,(ସବ୍ୟୁ): ଜମନକିରା ଥାନା ଗୌଡପାଲି ଫାଣ୍ଡି ଅନ୍ତର୍ଗତ ଉଡ଼ିଶିଂ ଫରେଷ୍ଟ ଗାର୍ଡ କ୍ୱାଟରରୁ ଗତ ୯ ତାରିଖ ଚୋରୀ ହୋଇଥିଲା । ଉଡସୁଙ୍ଗ ଗ୍ରାମର ନନ୍ଦଲାଲ ପଧାନ ଏବଂ କେଶବ ପଧାନ ଉଭୟ ମିଶି ଫରେଷ୍ଟ ଗାର୍ଡ କ୍ୱାଟରର କବାଟ ଭାଙ୍ଗି ସେଠାରେ ଥିବା ଜବତ ସାଇକେଲ ଗୁଡ଼ିକ ନେଇ କ୍ୱାଟର ନିକଟରେ ଥିବା ନାଳରେ ଫିଙ୍ଗି ଦେଇଥିଲେ। ଏଥିସହ ଭାଙ୍ଗି ଥିବା କବାଟକୁ ମଧ୍ୟ ଫିଙ୍ଗି ଦେଇଥିଲେ। ଏହି ସମୟରେ କ୍ୱାଟର ନିକଟରେ ଥିବା ଗ୍ରାମର ଦୟା ପ୍ରଧାନ ତାଙ୍କୁ କବାଟ ଉପାଡୁ ଥିବାର ଦେଖି ମନା କରିଥିଲେ । କିନ୍ତୁ ସେମାନେ ମାନି ନଥିଲେ। ଦୟାକୁ ପାଟିତୁଣ୍ଡ କରିବା ସହ ଜୀବନରୁ ମାରିବାର ଧମକ ଦେଇଥିଲେ। ଏନେଇ ଦୟା ଗତ ୯ ତାରିଖ ଲିଖିତ ଏତଲା ଦେଇଥିଲେ। ଅଭିଯୋଗ ଭିତ୍ତିକରି ଏ ସଂକ୍ରାନ୍ତରେ ଜମନକିରା ଥାନାରେ କେଶ ନମ୍ବର ୧୭୦ /୨୪ ଦଫା ୩୩୧(୪)/ ୩୦୫(ଛ)/୩୫୧(୨) ବିଏନଏସ / ଏକ ମାମଲା ରୁଜୁ ହୋଇଥିଲା। ଏତଲାକୁ ଭିତ୍ତିକରି ତଦନ୍ତ ସମୟରେ ବିଭିନ୍ନ ସାମଗ୍ରୀ ଜବତ ହୋଇଥିଲା । ଦୁଇ ଅଭିଯୁକ୍ତ ଫେରାର ହୋଇ ଯାଇଥିବା ବେଳେ ପୋଲିସ ଦୁଇ ଅଭିଯୁକ୍ତ ନନ୍ଦଲାଲ ଓ କେଶବଙ୍କୁ ଗିରଫ କରି ଡାକ୍ତରୀ ମଇନା ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଜମନକିରା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ବେଲପଡ଼ା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବେଲପଡା ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ସୋମବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ (ଶିଶୁ ମହୋତ୍ସବ)ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ତହସିଲଦାର ଜ୍ଞାନ ରଞ୍ଜନ ମାଝୀ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏବିଇଓ ଚତୁର୍ଭୁଜ ମିର୍ଦ୍ଧା, ଏବିଇଓ ଜଗବନ୍ଧୁ ମାଝି ,ଏବିଇଓ ରଘୁନାଥ ମହରା ଯୋଗଦେଇ କାର୍ଯ୍ୟକୁ ଆଗେଇ ନେଇଥିଲେ। ସମସ୍ତ ବର୍ଗର ଡ୍ରଇଂ, ରଚନା,କ୍ୟୁଚ, ଶିଳ୍ପକଳା, ବକ୍ତୃତା, ସଙ୍ଗୀତ,ସ୍ମୃତ, ଲିଖନ, ବିତର୍କ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିଲା। ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନୀତ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ବେଲପଡା ବ୍ଲକ ସିଆରସିସି ନରେଶ ସେଠ,ଭୋଲେଶ୍ୱର ତାଣ୍ଡି, ବି.ପି ସିଂ ନାଏକ, ଚିନ୍ତାମଣି ପାଢ଼ୀ, ମନୋରଞ୍ଜନ ମିଶ୍ର ଓ ଅନ୍ୟାନ୍ୟ ସି ଆର ସି ସି ଏବଂ ବିଭିନ୍ନ ସ୍କୁଲରୁ ଆସିଥିବା ଶିକ୍ଷକ ମାନଙ୍କ ଦ୍ୱାରା ସମାପନ ହୋଇଥିଲା । ଛାତ୍ରଛାତ୍ରୀଙ୍କ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସି, ଆର୍,ସି,ସି, ଭୋଲଲେଶ୍ୱର ତାଣ୍ଡି କାର୍ଯ୍ୟ ତୁଲାଇଥିଲେ। ଏବିଇଓ ଜଗବନ୍ଧୁ ମାଝି ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଏଏସ୍ ପାଇଲେ ସନ୍ତୋଷ

ଖପ୍ରାଖୋଲ / ପାଟଣାଗଡ଼,(ସବ୍ୟୁ): ଚଳିତ ବର୍ଷ ଓପିଏସସି ପରୀକ୍ଷା ରେ ପାଟଣାଗଡ ବ୍ଲକ ଅନ୍ତର୍ଗତ ତେଣ୍ଡାପଦର ଗ୍ରାମର ସନ୍ତୋଷ କୁମାର ନାଗ ୪୨୯ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସେ ପାଟଣାଗଡ଼ ଜବାହାରଲାଲ କଲେଜର ପୂର୍ବତନ ଛାତ୍ର ହୋଇଥିବା ବେଳେ ବର୍ତମାନ ସେ ତୁରକେଲା ବ୍ଲକ ବଡବାଙ୍କି ଆଶ୍ରମ ସ୍କୁଲରେ ଶିକ୍ଷକତା କରଛନ୍ତି । ତାଙ୍କ କଠିନ ପରିଶ୍ରମ ବଳରେ ଏହି ସଫଳତା ହାସଲ କରିଥିବା କହିଛନ୍ତି ସନ୍ତୋଷ । ଯାହାକି ତେଣ୍ଡାପଦର ଗ୍ରାମ ପଞ୍ଚାୟତ ଏବଂ ପାଟଣାଗଡ଼ ବ୍ଲକ ପାଇଁ ଗୌରବର ବିଷୟ ପାଲଟିଛି ।

# ବଲାଙ୍ଗିର ଦିନ୍ ପାଇଁ ଜାତି, ସମାଜ ଓ ସଙ୍ଗଠନ ଏକାଠି

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଦିନ୍ ଆୟୋଜକ କମିଟିର ସଭାପତି ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପି.ପି. ଏକାଡେମୀ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆୟୋଜକ କମିଟି ପକ୍ଷରୁ ବିଭିନ୍ନ ସାମାଜିକ, ସାଂସ୍କୃତିକ, ଜାତି ସମାଜ, ରାଜନୈତିକ, ସାମ୍ବାଦିକ, ଶିକ୍ଷାବିତ, କ୍ରୀଡାବିତ, ବିଭିନ୍ନ ସଂଗଠକ, ସଂଗଠନ, ବ୍ୟକ୍ତି ବିଶେଷ ଜନସାଧାରଣ ଉପସ୍ଥିତ ରହି ବିଭିନ୍ନ ମତାମତ ଦେଇଥିଲେ । ସେହି ଆଧାରରେ ବଲାଙ୍ଗିର ଦିନ୍ ପାଳନ ହେବ । ନଭେମ୍ବର ୧ ବଲାଙ୍ଗିର ଦିନ ପୂର୍ବାହ୍ନରେ ସାଂସ୍କୃତିକ ଶୋଭାଯାତ୍ରା ହେବ । ସନ୍ଧ୍ୟାରେ ଜିଲ୍ଲାର ସମସ୍ତଙ୍କ ଘରେ ଝୋଟି ଏବଂ ଦୀପ ପ୍ରଜ୍ୱଳନ କରିବା ପାଇଁ ନିଷ୍ପତି ନିଆଯାଇଛି । ନଭେମ୍ବର ୨ ରେ ସାଂସ୍କୃତିକ ସନ୍ଧ୍ୟା ବା ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଛି । ବୈଠକରେ ଡ. ଶ୍ରୀକର ମିଶ୍ର, ପ୍ରତାପ ଚନ୍ଦ୍ର ରଥ, ଦିନେଶ ଶର୍ମା, ଲୋଟସ ଷଡଙ୍ଗି, ବିଶ୍ୱ ମୋହନ ଜେନା, ପ୍ରଦୀପ୍ତ ମିଶ୍ର, ହିମାନୀ ତ୍ରିପାଠି, ସଂଗୀତା ଦାଶ, ନୂତନ ଦାସ, ବିନୋଦ କାଲସାଏ, ସନ୍ତୋଷ ହୋତା, ଡ. ଘାସିରାମ ମିଶ୍ର, ବିକ୍ରମ ବହିଦାର, ଶୁଭ୍ରାଂଶୁ ପଟେଲ, ଜଗନ୍ନାଥ ଷଡଙ୍ଗି, ଶମ୍ଭୁ ନାଗ, ସୁରେଶ ଯାଦବ, ଅମ୍ବରିଶ ତ୍ରିପାଠି, ଜୟକୃଷ୍ଣ ମିଶ୍ର, କିଶୋର ରଥ, ସୋମନାଥ ମିଶ୍ର, ବିବେକା ପଟେଲ, କପିଳେଶ୍ୱର ଖମାରୀ, ସିନୁ ସୁନ୍ଦର ପାଢ଼ି, ବିଶ୍ୱମୟ ପୁଝାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଲିସ ସହିଦ୍ ଦିବସ ପାଳିତ

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ରିଜର୍ଭ ପୋଲିସ ପଡିଆରେ ସହିଦ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ୟାରେଡ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅନ୍ୟା ଦାସ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପୋଲିସ୍‌ର ପ୍ଲାଟୁନ ଆରକ୍ଷୀ ନିରୀକ୍ଷକ ସରୋଜ ବେହେରାଙ୍କ ନେତୃତ୍ୱରେ ପ୍ୟାରେଡ ପ୍ରଦର୍ଶନ କରା ଯାଇଥିଲା । ଜିଲ୍ଲା ଏସପି ରାମ ପ୍ରସାଦ ସାହୁ ସହିଦଙ୍କ ବଳିଦାନ ଓ ସ୍ମୃତିକୁ ମନେ ପକେଇ ସେମାନଙ୍କ ବଳିଦାନକୁ ହୃଦୟରୁ ପ୍ରଶଂସା କରିଥିଲେ। ଜିଲ୍ଲାର ଦୁଇ ବୀର ସହିଦ୍ ସ୍ୱର୍ଗତ ନରସିଂହ ମହାକୁର ଓ ସ୍ୱର୍ଗତ ସହିଦ୍ ବିଭୀଷଣ ସାହୁଙ୍କ ପରିବାର ସଦସ୍ୟଙ୍କୁ ଏସପି ଉପଢ଼ୌକନ ପ୍ରଦାନ କରି ସମ୍ମାନ ଜଣାଇ ଥିଲେ। ପୋଲିସ ସହିଦ୍ ଦିବସରେ ଅତିରିକ୍ତ ଏସପି ବିରେନ୍ଦ୍ର ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ ଓ ବରିଷ୍ଠ ପୋଲିସ କର୍ମଚାରୀ ତଥା ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପୋଲିସ ହାବିଲଦାର କନେଷ୍ଟବଳ ସଂଘର ସଭାପତି ଦିନେଶ ମିଶ୍ର, ସନ୍ତୋଷ ପାତ୍ର, ମନୋଜ୍ ପଣ୍ଡା ପ୍ରମୁଖ ସମସ୍ତ କର୍ମଚାରୀ ଉତ୍ସବ ପାଳନରେ ସହଯୋଗ କରିଥିଲେ ।

# ସୋସିଆଲ ଷ୍ଟାର କ୍ଲବ ପକ୍ଷରୁ ୫୧ୟୁନିଟ୍ ରକ୍ତ ସଂଗ୍ରହ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓଡିଶା ରକ୍ତଭଣ୍ଡାର ଠାରେ ସୋସିଆଲ ଷ୍ଟାର କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ଦୀପ୍ତିବାଳା ପଟ୍ଟନାୟକଙ୍କ ୩ୟ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ମୋଟ ୫୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଜିଲ୍ଲା ରେଡକ୍ରସ ସମ୍ପାଦକ ଜୟ ଜର୍ଜ, ରକ୍ତ ଭଣ୍ଡାର ଅଧିକାରୀ ଡା. କମ୍ଳେଶ କାକ୍‌ଡ, ଲାଇନ୍ସ କ୍ଲବର ପଲଟୁ ଅଗ୍ରୱାଲ, ବରିଷ୍ଠ ନାଗରିକ ପ୍ରଫୁଲ ହୋତା, ପ୍ରଶାନ୍ତ ପାଢଯୋଶୀ ଓ ଶ୍ରେୟା ପ୍ରଧାନ ଅତିଥି ଭାବେ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ଉପସଭାପତି ଆତିଫ୍ ଆଲମ, ସୁଦୀପ ପଟ୍ଟନାୟକ, ଦୀପକ ଚନ୍ଦନ୍, ଲଳିତ ଅଗ୍ରୱାଲ, ରାମ ଶର୍ମା, ହରବିର୍ ସିଂ, ଆଶୁତୋଷ ସ୍ୱାଇଁ ଓ ପୋଲିନ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ନାକଟିଦେଉଳ ବ୍ଲକରେ ଜନ ଅଭିଯୋଗ ଶୁଣାଣି



ସମ୍ବଲପୁର / ରେଢ଼ାଖୋଳ, (ସବ୍ୟୁ): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଧର ଯୋଗ ଦେଇ ଶୁଣାଣି କରିଥିଲେ । ମୋଟ ୨୧୭ଟି ଆବେଦନ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୯୩ଟି ବ୍ୟକ୍ତିଗତ, ୨୩ଟି ଗ୍ରାମ୍ୟ ସମସ୍ୟା ଓ ୧ଟି ମୁଖ୍ୟ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସହାୟତା ପାଇଁ ଆବେଦନ ବୋଲି ଜଣାପଡିଛି । ଏହି ଅବସରରେ ୧୫୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଶୁଣାଣି ପୂର୍ବରୁ ୩ଜଣ ହିତାଧିକାରୀଙ୍କୁ ହ୍ୱିଇଲ ଚେୟାର, ୧ଜଣଙ୍କୁ ୱାକିଙ୍ଗ ଷ୍ଟିକ୍, ୬ଜଣଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ଓ ୬ଜଣଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ହଜାର ଟଙ୍କା ଲେଖାଁଏ ସହାୟତା ରାଶି ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ଆସନ୍ତା ୨୮ରେ ବାମରା ବ୍ଲକ କାର୍ଯ୍ୟାଳୟ ଠାରେ ଜନ ଅଭିଯୋଗ ଶୁଣାଣି କରାଯିବ ।

# ରାମପୁରରେ ମୁରାସୁର ଦରବାର : ମୁରାସୁରଙ୍କ ଇନ୍ଦ୍ରପୁରୀ ଆକ୍ରମଣ

ଏସ୍ .ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ଦରବାରର ତୃତୀୟ ସନ୍ଧ୍ୟାରେ ଇନ୍ଦ୍ରପୁରି ଆକ୍ରମଣ, ନାରଦଙ୍କ ପରାମର୍ଶ କ୍ରମେ ମର୍ତ୍ତ୍ୟପୁର ଆକ୍ରମଣ ପାଇଁ ପ୍ରସ୍ତୁତି ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା । ସନ୍ଧ୍ୟାରେ ମୁରାସୁର ନଗର ପରିକ୍ରମା ପରେ ରାଜଦରବାରରେ ପହଞ୍ଚିଥିଲେ । ଦେବର୍ଷି ନାରଦଙ୍କ ପରାମର୍ଶକ୍ରମେ ମୁରାସୁର ଇନ୍ଦ୍ରପୁରୀ ଆକ୍ରମଣ କରିଥିଲା । ଏହାସହ ମର୍ତ୍ତ୍ୟପୁର ଆକ୍ରମଣ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଦରବାରରେ ରାଜ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ସମ୍ମାନିତ ଅତିଥି ଭାବେ ସମାଜସେବୀ ଉମେଶ ପୁଝାରୀ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ । ଦରବାରର ମୁରାସୁର ଭୂମିକାରେ ମନୋରଞ୍ଜନ ଚିରଗୁନ ଅଭିନୟ କରିଥିବାବେଳେ ଇନ୍ଦ୍ର ବିଜୟ କୁମାର ଷାଣ୍ଢ, ନାରଦ ଦିଲ୍ଲୀପ ବାରିକ, ଚନ୍ଦ୍ର ଗୋପବନ୍ଧୁ ଚିରଗୁନ, କୁବେର ସୋମିତ୍ରୀ ଥନାପତି, ବରୁଣ ଶ୍ରୀମନ୍ତ ଥନାପତି, ସେନାପତି ସିତାରାମ ସା, ଦଶରଥ ପଧାନ ପ୍ରମୁଖ ଅଭିନୟ କରିଥିଲେ ।

# ତଲାଗାଁରେ ବାଆଦି ଠାକୁରଙ୍କ ବାର୍ଷିକ ଦଶରା ଉତ୍ସବ



କୋକସରା,(ସବ୍ୟୁ): ପ୍ରଭୁ ବୁଢ଼ାରଜାଙ୍କ ଦଶରା ପରେ କୋକସରା ବ୍ଲକ ଅଞ୍ଚଳ ବଡପୋଡ଼ାଗୁଡା ପଞ୍ଚାୟତ ତଲାଗାଁ ଠାରେ ଆନନ୍ଦ ଉଲ୍ଲାସର ସହ ଅଞ୍ଚଳର ଆରାଧ୍ୟ ଦେବତା ବାଆଦି ଠାକୁରଙ୍କ ବାର୍ଷିକ ଦଶରା ରବିବାର ସମାପନ ହୋଇଛି। ଅପରାହ୍ନରେ ବଡପୋଡାଗୁଡା ଗାଁ ପୁଝାରୀଙ୍କ ଘରୁ ଲାଠି ବାହାରିବା ପରେ ଅଞ୍ଚଳର ଅନେକ ନିମନ୍ତ୍ରିତ ଦେବାଦେବୀ ମାନଙ୍କ ଲାଠି ଏକତ୍ରିତ ହୋଇ ଯାତ୍ରାରେ ସାମିଲ ହୋଇଥିଲେ। ମାନସିକଧାରୀ ମାନେ ବାଆଦି ଠାକୁରଙ୍କୁ ଶୁକ୍ଳ ଭୋଗ ଓ ପାର୍ଶ୍ୱ ଦେବାଦେବୀଙ୍କୁ ରକ୍ତ ଭୋଗ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଶହ ଶହ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ସମାଗମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଏହାପରେ ତଲାଗାଁ ସ୍ଥିତ ବାଆଦି ଠାକୁରଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ ଲାଠି କାଲିଶିଙ୍କ ଗହଣରେ ଲାଠି ଶୋଭାଯାତ୍ରା ବାହାରି ଅନ୍ୟ ଏକ ପୂଜା ସ୍ଥଳ ମାଁ ମାଉଲୀଙ୍କ ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେକର୍ଡ ଡ୍ୟାନ୍ସ ଓ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜିବ କୁମାର ଅଗ୍ରୱାଲ , ମୁଖ୍ୟବକ୍ତା ଜିତେନ୍ଦ୍ର ପଣ୍ଡା, ସ୍ଥାନୀୟ ସରପଞ୍ଚ ଯମୁନା ନାଏକ, ନନ୍ଦିଗାଁ ସରପଞ୍ଚ କିରଣ୍ମୟୀ, ପୁର୍ବତନ ସରପଞ୍ଚ ଯମୁନା ମାଝୀ, ପେକ୍ସ ସଭାନେତ୍ରୀ ଦୁତିକା ନାଏକ, ସମାଜସେବୀ ହିମାଞ୍ଚଳ ପୁଝାରୀ, ନାଏବ ସରପଞ୍ଚ ବିଜୁ ନାଏକ, ସ୍ଥାନୀୟ ସମିତି ସଭ୍ୟ ଉମା ନାଏକ,ଏଡିଓ କର୍ପୁର ନାଏକ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। କଳାହାଣ୍ଡି ଜିଲ୍ଲାର ବୀରବାଦ୍ୟ ଘୁମୁରା ମୁଖ୍ୟ ଆକର୍ଷଣ ହୋଇଥିଲା। ମୋଟ ୭ଟି ଘୁମୁରା ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମ ପୁରସ୍କାର ମହିମା ମାଳପଡା, ଦ୍ୱିତୀୟ ପୁରସ୍କାର ସାନକେନ୍ଦୁଗୁଡା, ତୃତୀୟ ପୁରସ୍କାର କାଶିବାହାଲ ଘୁମୁରା ଦଳ ବିବେଚିତ ହୋଇଥିଲେ। ବାଆଦି ଠାକୁରଙ୍କ ଦଶରା ପୂଜା କମିଟିର ସଭାପତି ଧର୍ମାନନ୍ଦ ନାଏକ, ସାଧାରଣ ସମ୍ପାଦକ ଭଜମନ ନାଏକ, ସହ ସଂପାଦକ ମନୋଜ କୁମାର ଦାସ,କୋଷାଧ୍ୟକ୍ଷ ଧନବଳ ମାଝୀ, ପୂଜକ ବଳଭଦ୍ର ପୁଝାରୀ, ଶିରା ସପୁର ସିଂ ନାଗ, ଚନ୍ଦ୍ରମଣି ଭାଟି, ଇନ୍ଦ୍ରମଣି ନାଏକ, ଅଭିମନ୍ୟୁ ଧଙ୍ଗଡା ମାଝୀ, ମହେଶ୍ୱର ଗଉଡ଼ଙ୍କ ସମେତ ସମସ୍ତ ଗ୍ରାମବାସୀ ମାନେ ସହଯୋଗ କରିଥିଲେ। ମଞ୍ଚକୁ ଲିଙ୍ଗରାଜ ରାଠୋର ପରିଚାଳନା କରିଥିଲେ ।

## ପୁଲିସ ସହିଦ ସ୍ମୃତି ଦିବସ ପାଳିତ

# ସହିଦଙ୍କ ତ୍ୟାଗ ଓ ବଳିଦାନ ପ୍ରେରଣାଦାୟୀ




ଝାରସୁଗୁଡା, (ସବ୍ୟୁ) : ସ୍ଥାନୀୟ ଓଏସ୍ଏପି ଦ୍ୱିତୀୟ ବାଟାଲିୟନ ପଡିଆରେ ସୋମବାର ଜିଲ୍ଲା ପୁଲିସ ପକ୍ଷରୁ ୬୫ ତମ ପୁଲିସ ସହିଦ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଦେଶ ପାଇଁ ଜୀବନ ଉତ୍ସର୍ଗ କରିଥିବା ଯବାନ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ଏସପି ସ୍ମିତ.ପି.ପରମାର ଯୋଗଦେଇ ସହିଦଙ୍କ ସ୍ମୃତି ଚାରଣ କରିବା ସହ ସହିଦ ସ୍ତମ୍ଭରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଲୋକଙ୍କ ପାଇଁ ଜୀବନ ଉତ୍ସର୍ଗ କରିଥିବା ବୀର ପୁଲିସ କର୍ମଚାରୀ ଏବଂ ଅଧିକାରୀଙ୍କ ତ୍ୟାଗ ଓ ବଳିଷ୍ଠ ଅବଦାନର ଏହି ମହାନ ସ୍ମୃତି ଯୁବ ସମାଜ ପାଇଁ ପ୍ରେରଣାଦାୟୀ ବୋଲି ଏସପି କହିଛନ୍ତି । ଇନ୍ସପେକ୍ଟର(ଆରମ୍) ଶିବ ଶଙ୍କର ନାଗଙ୍କ ତତ୍ତ୍ୱାବଧାନରେ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଓଏସଏପି ୨ୟ ବଟାଲିୟନ ଡେପୁଟି କମାଣ୍ଡେଂଟ୍ ଭବାନୀ ଶଙ୍କର ସେଠ୍ , ଶିବନାରାୟଣ ନାୟକ ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ ପୁଲିସ ଅଧିକାରୀ ତଥା ଯବାନମାନେ ଉପସ୍ଥିତ ଥିଲେ ।

